# ରେଙ୍ଗାଲି ତହସିଲଦାରଙ୍କ ଅଦାଲତ, ରେଙ୍ଗାଲି

*ଲିଜ ବିବିଧ (Lease Misc.) ମୋକଦ୍ଦମା ସଂଖ୍ୟା ୧୪/୨୦୨୫*

## ସର୍ବସାଧାରଣ ଇସ୍ତାହାର

ପ୍ରୋସେସ ସଂଖ୍ୟା. ୨୩୩ ତାରିଖ: ୨୮.୦୩.୨୦୨୫

ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ମୌଜା – ଢ଼େର୍ବା ଅନ୍ତର୍ଗତ ନିମ୍ନ ସୂଚୀତ ସରକାରୀ ଜମିକୁ ଇଡକୋ କର୍ତ୍ତୃପକ୍ଷ ଭୁବନେଶ୍ୱର (ଓଡିଶା), ଶିଳ୍ପ ପ୍ରତିଷ୍ଠା ଏବଂ ସଂବନ୍ଧ ଗତିବିଧିର ସ୍ଥାପନା ସକାଶେ ଲ୍ୟାଣ୍ଡ ବ୍ୟାଙ୍କ ନିମନ୍ତେ ଲିଜ ପାଇଁ ଅତ୍ର କାର୍ଯାଳୟରେ ଦରଖାସ୍ତ ଦାଖଲ କରିଛନ୍ତି । ଆବେଦନ କରାଯାଇଥିବା ନିମ୍ନ ତଫସିଲ ଭୁକ୍ତ ଜମି ସରକାରୀ **ଆବାଦ ଯୋଗ୍ୟ ଅନାବାଦୀ** ଖାତାରେ **ଆଟ ସାଧାରଣ** କିସମରେ ରେକର୍ଡ ଥାଇ ମନ୍ତବ୍ୟ ଖାନାରେ "ସାବକ କିସମ: ଗୋଚର, ଆମ୍ବ/1, ବେଆଇନ ଦଖଲ :ସୀତାରାମ କିସାନ, ବଦୋ କିସାନ, ପିତା:ଉଲୁ କିସାନ, ଗଉଡ଼ କିସାନ, ପିତା: ଗଚେ କିସାନ, ଜାତି:କିସାନ, ବାସସ୍ଥାନ:ନିଜଗାଁ" ଥିବାରୁ ଉକ୍ତ ଜମିକୁ ଆବେଦନକାରୀଙ୍କ ନାମରେ ହସ୍ତାନ୍ତର କରିବା ପାଇଁ କିସମ ପରିବର୍ତନ ତଥା ମନ୍ତବ୍ୟ ଖାନାରେ ଥିବା ବେଆଇନ ଦଖଲ ନୋଟକୁ ବାଦ ଦେବା ଆବଶ୍ୟକ ପଡୁଅଛି ଓ ତତ ଅନୁଯାଇ ପଦକ୍ଷେପ ନିଆ ଯିବ ।

ଏଥିରେ ଯଦି କୌଣସି ବ୍ୟକ୍ତି ବିଶେଷଙ୍କର କିଛି ଆପତ୍ତି ଅଭିଯୋଗ ଥାଏ ତାହାହେଲେ ଏହି ନୋଟିସ ପ୍ରକାଶନର ୧୫ (ପନ୍ଦର)ଦିନ ଭିତରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଲିଖିତ ଆକାରରେ ଟ.୨୦/- କୋର୍ଟ ଫି ସହିତ ଅଭିଯୋଗ ଦେବାପାଇଁ ଅନୁରୋଧ କରାଯାଉଅଛି । ମିଆଦ ଗତେ କୌଣସି ଦାବୀ ବା ଅଭିଯୋଗ ଗ୍ରହଣୀୟ ହେବନାହିଁ ।

### ତଫସିଲ ଭୁକ୍ତ ଜମି

| ମୌଜା | ଖାତା ନମ୍ବର | ପ୍ଲଟ ନମ୍ବର | ରକବା | କିସମ | ମନ୍ତବ୍ୟ |
|---|---|---|---|---|---|
| ଢ଼େର୍ବା | ୩୩୬ (ଆ. ଯୋ. ଅ.) | ୧୧୪୩/୩୫୫୬ | ୦.୧୯୦ | ଆଟ ସାଧାରଣ | ସାବକ କିସମ: ଗୋଚର, ଆମ୍ବ/1, ବେଆଇନ ଦଖଲ :ସୀତାରାମ କିସାନ, ବଦୋ କିସାନ, ପିତା:ଉଲୁ କିସାନ, ଗଉଡ଼ କିସାନ, ପିତା: ଗଚେ କିସାନ, ଜାତି:କିସାନ, ବାସସ୍ଥାନ:ନିଜଗାଁ |
| ମୋଟ | ୧ ଖାତା | ୧ ପ୍ଲଟ | ୦.୧୯୦ | | |

ତହସିଲଦାର,ରେଙ୍ଗାଲି

ତହସିଲଦାର
ରେଙ୍ଗାଲି, ସମ୍ବଲପୁର

**ଜ୍ଞାପକ ସଂଖ୍ୟା** ୨୩୪ ତା: ୨୮.୦୩.୨୦୨୫

ଏହାର ଏକ କିତା ନକଲ ସଂପୃକ୍ତ ଗ୍ରାମର ମଧ୍ୟସ୍ଥଳିରେ ଜାରିକରିବା ପାଇଁ ଓ **ରାଜସ୍ୱ ନିରୀକ୍ଷକ ବୋମାଲୋଏ** ଙ୍କ କାର୍ଯାଳୟ / **ଗ୍ରାମ ପଞ୍ଚାୟତ ଘିଚାମୁରା** ଏବଂ ତହସିଲ କାର୍ଯାଳୟର ନୋଟିସ ବୋର୍ଡରେ ବହୁଳ ପ୍ରସାର ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ **ଜିଲ୍ଲା ଇ-ଗଭର୍ଣ୍ଣନ୍ସ ପରିଚାଳକ, ସମ୍ବଲପୁର**ଙ୍କ ଅବଗତି ତଥା ବିହିତ କାର୍ଯାନୁଷ୍ଠାନ ଏବଂ ଏହାର ବହୁଳ ପ୍ରସାର ନିମନ୍ତେ ପ୍ରେରଣା କରାଗଲା । ଉପରୋକ୍ତ ସର୍ବସାଧାରଣ ଇସ୍ତାହାରକୁ ସମ୍ବଲପୁର ଜିଲ୍ଲା ୱେବସାଇଟରେ ପ୍ରକାଶନ କରିବା ନିମନ୍ତେ ଅନୁରୋଧ ।

ତହସିଲଦାର,ରେଙ୍ଗାଲି

ତହସିଲଦାର
ରେଙ୍ଗାଲି, ସମ୍ବଲପୁର